## ସଂକ୍ଷେପରେ

### ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା



ଝରିଗାଁ,୨୮।୯(ସ୍ୱ.ପ୍ର)-ଝରିଗାଁ ବ୍ଲକ ସଦରମହକୁମା ସ୍ଥିତ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଦୁଇ ଦିନଧରି ଚାଲିଥିବା ଖେଳକୁଦରେ ପ୍ରଥମ ଦିବସରେ ୨୬ଟି ବିଦ୍ୟାଳୟର ୧୬୩ ଛାତ୍ରୀଛାତ୍ର ଏବଂ ଦ୍ୱିତୀୟ ଦିବସରେ ୨୭ ଟି ବିଦ୍ୟାଳୟର ୨୨୪ ଛାତ୍ରୀଛାତ୍ର ଅନୁଷ୍ଠିତ ହୋଇଥିବା ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆସନ୍ତା ୩୦ ତାରିଖରେ ଜିଲା ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଝରିଗାଁ ବ୍ଲକରୁ ୪୫ ଛାତ୍ରୀଛାତ୍ର ଭାଗ ନେଇଥିବା ନେଇ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିରେନ୍ଦ୍ର କୁମାର ପାଢୀ ପ୍ରକାଶ କରିଛନ୍ତି। ଏବିଇଓ ବିଜୟାନନ୍ଦ ସୋରୀଙ୍କ ଦ୍ୱାରା ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଥିବା ବେଳେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁରେଶ କୁମାର ନାଏକ ଯୋଗ ଦେଇଥିଲେ।

### ନାବାଳିକାଙ୍କୁ ଅସଦାଚରଣ କଲେ ନାବାଳକ

କୋରାପୁଟ,୨୮।୯(ସ୍ୱ.ପ୍ର.)
କୋରାପୁଟ ସହରରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଜଣେ ନାବାଳକ ଧରାପଡ଼ିବା ପରେ ତାଙ୍କୁ ଜୟପୁରସ୍ଥିତ ଜୁଭେନାଇଲ କୋର୍ଟକୁ ପଠାଯାଇଛି । ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ ଶନିବାର କୋରାପୁଟ ସହରର ଜଣେ ନାବାଳିକାଙ୍କ ଘରେ ତାଙ୍କ ପରିବାର ସଦସ୍ୟ ନ ଥିବାବେଳେ ସହରର ଜଣେ ନାବାଳକ ତାଙ୍କ ଘରେ ପଶି ଅସଦାଚରଣ କରିଥିଲେ । ଏନେଇ ନାବାଳିକା ଜଣଙ୍କ ତାଙ୍କ ବାପାଙ୍କୁ କହିବା ପରେ ସେ କୋରାପୁଟ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାଉନ ଥାନାରେ ଏନେଇ ଏକ ମାମଲା ରୁଜୁ କରାଯିବା ସହ ସଂପୃକ୍ତ ନାବାଳକଙ୍କୁ ଜୟପୁରସ୍ଥିତ ଜୁଭେନାଇଲ କୋର୍ଟରେ ହଜାର କରାଯାଇଛି।

### ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍ଯାପିତ



ତେନ୍ତୁଳିଖୁଣ୍ଟି,୨୮।୯(ଡି.ଏନ.ଏ)-ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ନୋଡାଲ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଛି। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି. ମିନତୀ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ,ସମ୍ମାନିତ ଅତିଥି ନାରାୟଣ ପାତ୍ର ଯୋଗ ଦେଇଥିଲେ। ଖେଳ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଏବଂ ପ୍ରତିଯୋଗୀମୂଳକ ମନୋଭାବ ସୃଷ୍ଟିରେ ସହଯୋଗ କରିଥାଏ ବୋଲି ମୁଖ୍ୟବକ୍ତା ପ୍ରମୋଦ କୁମାର ଦାସ ମତ ରଖିଥିଲେ। ଏବିଇଓ ସୁଦର୍ଶନ ନାୟକ, ମୋହନ ମଧୁସୂଦନ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଆନନ୍ଦ ଭତ୍ରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଛାତ୍ର ଅଭିଭାବକ ସମ୍ମିଳନୀ

ଉମରକୋଟ,୨୮।୯(ଡି.ଏନ.ଏ)-ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ତରଫରୁ ଛାତ୍ର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାକୁ ଅର୍ଥନୀତି ବିଭାଗ ଅଧାପକ ରବି ମିଶ୍ର ପରିଚାଳନା କରିଥିଲେ। ସରକାରଙ୍କ ଶିକ୍ଷା ନୀତିରେ ଛାତ୍ର ଓ ଅଭିଭାବକଙ୍କ ଭୂମିକା ବିଷୟରେ ଅବଗତ କରାଇଥିଲେ। ଏହି ସମ୍ମିଳନୀରେ ପ୍ରାଧାପକ ଏଲ.ଏସ.ରାଓ, ସରୋଜ ପଟ୍ଟନାୟକ, ପଙ୍କଜ ମିଶ୍ର, ଅନିଲ ମିଶ୍ର ଯୋଗ ଦେଇ ଛାତ୍ରୀଛାତ୍ରମାନେ କିପରି ସରକାରଙ୍କ ନୂଆ ଶିକ୍ଷାନୀତି ସହ ଜଡିତ ହେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ରାମ ଶଙ୍କର ପଟ୍ଟନାୟକ, ଦୀପ୍ତି ଦାସ ଯୋଗ ଦେଇଥିଲେ। ରବି ମିଶ୍ର ଧନ୍ୟବାଦ ଦେଇଥିଲେ।

# ଅବ୍ୟବହୃତ ହୋଇପଡ଼ିଛି ମାର୍କେଟ କମ୍ପ୍ଲେକ୍ସ

## ଏସ୍‌ଜିଆରୱାଇ ଯୋଜନାରେ ହୋଇଥିଲା ନିର୍ମାଣ

ପାରଳାଖେମୁଣ୍ଡି,୨୮।୯(ସ୍ୱ.ପ୍ର.)




ଅବ୍ୟବହୃତ ମାର୍କେଟ କମ୍ପ୍ଲେକ୍ସ ।

ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ କତଳକଇଠା ଗ୍ରାମରେ ଦୀର୍ଘବର୍ଷ ହେଲା ଏକ ପୁରାତନ ମାର୍କେଟ କମ୍ପ୍ଲେକ୍ସ ଅବ୍ୟବହୃତଭାବେ ପଡ଼ି ନଷ୍ଟ ହେଉଛି। ଏହାର ନିର୍ମାଣ ପାଇଁ ୨୦୦୪ରେ ୪ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁରୀ ହୋଇଥିବାବେଳେ ୨୦୦୫ରେ ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାରେ ପୁନର୍ବାର ୫୦ହଜାର ଟଙ୍କା ବ୍ୟୟ ମଞ୍ଜୁରୀ ହୋଇଥିଲା । ଏହିପରି ମୋଟ ୪ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ମାର୍କେଟ କମ୍ପ୍ଲେକ୍ସଟି ସେତେବେଳେ ଗ୍ରାମୀଣ ଯୁବତୀଯୁବକ ମାନେ ରୋଜଗାରକ୍ଷମ ହେବା ଲକ୍ଷ ନେଇ ତିଆରି ହୋଇଥିଲା। ହେଲେ ତାହା ଏବେ ଖତ ଖାଉଛି ଏବଂ ଯୋଜନାଟି ଯୋଜନାରେ ହିଁ ସୀମିତ ରହିଯାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ମାର୍କେଟରେ ପ୍ରାୟ ୧୨ଟି ଘର ରହିଥିବାବେଳେ ଏହା ଯଦି କାର୍ଯ୍ୟକ୍ଷମ ହୋଇପାରିଥାନ୍ତା ତେବେ ଅନେକ ଲୋକ ସ୍ୱାବଲମ୍ବୀ ହୋଇପାରନ୍ତେ। କିନ୍ତୁ ମାର୍କେଟ କମ୍ପ୍ଲେକ୍ସଟି ଅଦରକାରୀଭାବେ ପଡ଼ିରହିଛି। ଯଦ୍ୱାରା ଏହି କମ୍ପ୍ଲେକ୍ସଟି ଏବେ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଇତିମଧ୍ୟରେ ବହୁ ନିର୍ବାଚନ ଗଲାଣି। ସେଥିମଧ୍ୟରେ ଅନେକ ପଞ୍ଚାୟତ ନିର୍ବାଚନ ଏବଂ ସାଧାରଣ ନିର୍ବାଚନ ମଧ୍ୟ ସରିଛି। ହେଲେଏଥିପ୍ରତି କେହି ଦୃଷ୍ଟି ଦେଇନାହାନ୍ତି। ପ୍ରଶଶସନ ପକ୍ଷରୁ ଏହାର ସଦୁପଯୋଗ କରାଯାଇ ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହୋଇଛି।

# ତିନୋଟି ଟ୍ରାକ୍ଟରରୁ ଜରିମାନା ଆଦାୟ




ଟ୍ରାକ୍ଟରକୁ ତନଖି କରାଯାଉଛି ।

ପାରଳାଖେମୁଣ୍ଡି, ୨୮।୯(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ୩ ଟ୍ରାକ୍ଟରରୁ ୧୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିରେ ଏକ ବାଲି ଟ୍ରାକ୍ଟର ଏବଂ ୨ ପଥର ବୋଝେଇ ଟ୍ରାକ୍ଟର ରହିଛି। ବାଲି ବୋଝେଇ ଟ୍ରାକ୍ଟର ନଂ- (ଓଡି୨୦-୬୧୧୯)ଟି ଦୀର୍ଘ ସମୟ ଧରି ମୁଖ୍ୟ ରାସ୍ତା ଅବରୋଧ କରିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଫଳରେ ଏହାଠାରୁ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ସହର ଉପକଣ୍ଠସ୍ଥ ବେତାଗୁଡ଼ାଠାରେ ୨ ପଥର ବୋଝେଇ ଟ୍ରାକ୍ଟର୍ ବେନିୟମଭାବେ ପଥର ଚାଲାଣ ଘଟଣାରେ ୩ହଜାର ଓ ୫ହଜାର ଟଙ୍କା ଆଦାୟ କରାଯାଇଥିବା ଅତିରିକ୍ତ ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ସୂଚନା ଦେଇଛନ୍ତି। ଜରିମାନା ଆଦାୟବେଳେ ପୋଲିସ ଏଏସ୍‌ଆଇ ଦିବାକର ପ୍ରଧାନ ଉପସ୍ଥିତ ଥିଲେ।

## ଭାଜପା ଖବରଦାତା ସମ୍ମିଳନୀରେ ବିଧାୟକଙ୍କ ପ୍ରତିଶ୍ରୁତି

# ଜିଲାର ବିଭିନ୍ନ ସମସ୍ୟା ସମାଧାନ ହେବ

ପାରଳାଖେମୁଣ୍ଡି,୨୮।୯(ସ୍ୱ.ପ୍ର.)



ଖବରଦାତା ସମ୍ମିଳନୀରେ ବିଧାୟକ କେ.ନାରାୟଣ ରାଓ ଓ ଅନ୍ୟମାନେ ।

ଗଜପତି ଜିଲା ଭାଜପା ପକ୍ଷରୁ ଶନିବାର ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଉପସ୍ଥିତ ରହି ଜିଲାରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ପାରଳାଖେମୁଣ୍ଡିକୁ ଆସୁଥିବା ପୁରୀ-ଗୁଣପୁର ପାସେଞ୍ଜର୍ ଟ୍ରେନ୍ ଏବଂ ରାଜ୍ୟରାଣୀ ଏକ୍ସପ୍ରେସ୍‌ର ସମୟରେ ପରିବର୍ତ୍ତନ କରିବା, ଏହି ଟ୍ରେନ୍ ଗୁଡ଼ିକ କାଶୀନଗରରେ ରହଣି ଏବଂ ପାରଳାଖେମୁଣ୍ଡି ଷ୍ଟେଶନ୍‌ର ଆଧୁନିକୀକରଣ ଆଦି ଦାବି ନେଇ ସେ ପୂର୍ବରୁ କେନ୍ଦ୍ର ରେଳ ରାଷ୍ଟ୍ର ମନ୍ତ୍ରୀ ପିୟୁଷ ଗୋଏଲ୍‌ଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଏହାର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଏ ନେଇ ପଦକ୍ଷେପ ନିଆଯିବ ବୋଲି କହିଥିବା ବିଧାୟକ ରାଓ ସୂଚନା ଦେଇଛନ୍ତି। ସେହିପରି ଗତ ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ଚାଷିଙ୍କୁ ସରକାରଙ୍କ କୃଷି ବୀମା ଯୋଜନାରେ ସାମିଲ୍ କରାଯାଇଥିଲେ ମଧ୍ୟ ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ୬ପଞ୍ଚାୟତର ଚାଷି ଏବଂ ଗୁମ୍ମା ବ୍ଲକ୍‌ର ଚାଷିଙ୍କୁ ଏ ପର୍ଯ୍ୟନ୍ତ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ଏ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠାଯାଇଥିଲା। ପରେ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏ ନେଇ ବିଧାୟକଙ୍କ ସହ ଆଲୋଚନା କରିବା ପରେ ତୁରନ୍ତ କୃଷିବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବାପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କହିଛନ୍ତି । ସେହିପରି ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ନିକଟରେ ଗଜପତି ଗସ୍ତରେ ଆସିଥିବାବେଳେ ଗଜପତି ଷ୍ଟାଡିୟମ୍ ବୁଲି ଦେଖିବା ସହ ବିଧାୟକ ଶ୍ରୀ ରାଓ ତାଙ୍କ ସହ ଷ୍ଟାଡିୟମର ଆଧୁନିକୀକରଣ ବିଷୟରେ ଆଲୋଚନା କରିଥିଲେ । ଗଜପତି ଷ୍ଟାଡିୟମ୍ ସହ କାଶୀନଗର, ଗୁମ୍ମା ଏବଂ ଗୋଷାଣୀ ବ୍ଲକ୍‌ର ଗୁରାଣ୍ଡିରେ ମଧ୍ୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ବିଧାୟକ ମନ୍ତ୍ରୀଙ୍କ ସମ୍ମୁଖରେ ପ୍ରସ୍ତାବ ରଖିଥିଲେ। ଖୁବ୍ ଶୀଘ୍ର ଏହି ସମସ୍ତ କାର୍ଯ୍ୟ ଆରମ୍ଭ ହେବ ଏବଂ ଏଥିରେ ରାଜ୍ୟ ସରକାରଙ୍କ ପାଣ୍ଠି, ଏମ୍‌ପି ପାଣ୍ଠି ଏବଂ ବିଧାୟକ ପାଣ୍ଠିର ମିଳିତ ଭାବେ ଉପଯୋଗ ହେବ ବୋଲି ବିଧାୟକ ଏଠାରେ ସୂଚନା ଦେଇଛନ୍ତି। ସମ୍ମିଳନିରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ସଭାପତି ଜି. ଭେଙ୍କଟରାବଣା, ପୂର୍ବତନ ଜିଲାପରିଷଦ ଅଧକ୍ଷା ପି. ଲତା, କାଶୀନଗର ବ୍ଲକ୍ ଅଧକ୍ଷ ସି. ଏଚ୍. ସୀମାଦ୍ରି, ପୂର୍ବତନ ନଗରପାଳ ପି. କ୍ରିଷ୍ଣା, ନୃସିଂହ ଚରଣ ପଟ୍ଟନାୟକ ଉପସ୍ଥିତ ଥିଲେ।

### ଆର୍‌ଏମ୍‌ଏସ୍‌କୁ ପାରଳାଖେମୁଣ୍ଡି ଅଣାଯାଉ

ପାରଳାଖେମୁଣ୍ଡି,୨୮।୯ (ସ୍ୱ.ପ୍ର.)

ବ୍ରହ୍ମପୁରରେ ରହିଥିବା ରେଳ ଡାକ ସେବା(ଆରଏମ୍‌ଏସ୍) ଗଜପତି ଜିଲାର ପାରଳାଖେମୁଣ୍ଡି ସହରକୁ ଆଣିବା ପାଇଁ ଦାବି ହୋଇଛି। ଏ ନେଇ କିଛି ମାସ ତଳେ ଖବର ପ୍ରକାଶ ପାଇବା ପରେ ବେଶ୍ ଚର୍ଚ୍ଚା ମଧ୍ୟ ହୋଇଥିଲା। ବରିଷ୍ଠ ଆଇନଜୀବୀ ବଟକୃଷ୍ଣ ପାତ୍ରଙ୍କ ପ୍ରତିବାଦ ପତ୍ର ମାଧ୍ୟମରେ ସମସ୍ୟା ଜଣାଇଥିଲେ। ଏ ନେଇ ଓଡ଼ିଶାର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ (ପିଏମ୍‌ଜି) ଚିଠି କରି ବ୍ରହ୍ମପୁରର ଡିଭିଜନ୍‌କୁ କାରଣ ଦର୍ଶାଅ ଜବାବ ମାଗିଥିଲେ । ଏଥି ପୂର୍ବରୁ ଆଇନଜୀବୀ ପାତ୍ର ଗତ ୧୧ତାରିଖରେ ଭୁବନେଶ୍ୱର ଯାଇ ପିଏମ୍‌ଜି ଏବଂ ରେଳ ଡାକ ସେବା ବିଭାଗରେ ଆଲୋଚନା ମଧ୍ୟ କରିଥିଲେ । ଏ ସଂକ୍ରାନ୍ତରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମଧ୍ୟ କାର୍ଯ୍ୟକୁ ତ୍ୱରାନିତ କରାଯାଉ ବୋଲି ପତ୍ର ମାଧ୍ୟମରେ ବିଭାଗକୁ ଜଣାଇଥିବା ଜଣାପଡ଼ିଛି। ତେଣୁ କାର୍ଯ୍ୟକୁ ଯଥାଶୀଘ୍ର ତ୍ୱରାନ୍ୱିତ କରି ଆରଏମ୍‌ଏସ୍ କାର୍ଯ୍ୟାଳୟକୁ ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ସ୍ଥାନାନ୍ତର କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୨୮।୯(ବି.ପ୍ର.)

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନରୁ ପ୍ରତ୍ୟେକ ବିଧାନସଭା ମଣ୍ଡଳୀରେ ପଦଯାତ୍ରା ଆରମ୍ଭ ହେବ। ଏ ସମ୍ପର୍କରେ ସୌରାସାହିସ୍ଥିତ କଲ୍ୟାଣ ମଣ୍ଡପରେ ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କରାଯାଇଛି। ପ୍ରତି ବିଧାନସଭାରେ ୧୫୦ କିଲୋମିଟର ପଦଯାତ୍ରା ହେବ। ଏଥିସହ ଲୋକମାନଙ୍କୁ ସ୍ୱଚ୍ଛ ଭାରତ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ଭୁବନେଶ୍ୱରରୁ ଆସିଥିବା ସଂଯୋଜକ ବିଭୂତି ଜେନା କହିଛନ୍ତି। ଏହି ବୈଠକରେ ଜିଲା ଭାଜପା ସଭାପତି ଗୋବିନ୍ଦ ଜୈନ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଯୁବନେତା ଗୌରୀଶଙ୍କର ମାଝି, ରମେଶ ସାହୁ, ମୃତ୍ୟୁଞ୍ଜୟ ଦାଶ, ଜଗଦୀଶ ବିଷୋୟୀ, ସତ୍ୟବାଦୀ ଷଡଙ୍ଗୀ, ରାଜୀବ ତ୍ରିପାଠୀ, ମନୋଜ ମହାକୁଡ, ଅରୁଣ ପୂଜାରୀ, ସୁବ୍ରତ ମିଶ୍ର, ଦିନବନ୍ଧୁ ବିଷୋୟୀ, ତପନ ପରିଛା, ହରି ପାଣିଗ୍ରାହୀ, ହରିମୋହନ ଶର୍ମାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଏନ୍‌ଏସ୍‌ଏସ୍ ଶିବିର ଆରମ୍ଭ

# ମୋଟରଯାନ ଆଇନ ନେଇ ସଚେତନ କରିବେ ଛାତ୍ରୀଛାତ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଭାରପ୍ରାପ୍ତ ଅଧକ୍ଷ, ଏନଏସଏସ ଅଧିକାରୀ ଓ ଅନ୍ୟମାନେ ।

ପାରଳାଖେମୁଣ୍ଡି, ୨୮।୯ (ସ୍ୱ.ପ୍ର.)

ସହର ଉପକଣ୍ଠସ୍ଥ ବି. ସୀତାପୁରସ୍ଥିତ ଗୋପୀନାଥ ଗଜପତି ହାଇସ୍କୁଲ ପରିସରରେ ଏସ୍‌କେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ୭ଦିନିଆ ଏନ୍‌ଏସ୍‌ଏସ୍ ଶିବିର ଆରମ୍ଭ ହୋଇଛି । ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍କୁଲ ଚତୁଃପାର୍ଶ୍ୱ ସଫେଇ କରାଯିବା ସହ ଗାଁ ପରିମଳ ବ୍ୟବସ୍ଥାକୁ କିପରି ସଫାସୁତୁରା ରଖାଯାଇପାରିବ ସେ ବିଷୟରେ ବିଭିନ୍ନ ସଚେତନତା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠିତ ଆଲୋଚନା କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ଏବଂ ଏହି ସେବା ଯୋଜନା ମାଧ୍ୟମରେ ଗାଁରୁ ସହର ସମସ୍ତେ ଯେପରି ସଚେତନ ହୋଇପାରିବେ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଯାଇଥିଲା । ସପ୍ତାହବ୍ୟାପୀ ଶିବିରରେ ମୁଖ୍ୟତଃ ନୂତନ ମୋଟରଯାନ ଆଇନ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯିବ ବୋଲି ଏସ୍‌କେସିଜି କଲେଜ ବାଳକ ବିଭାଗ ଏନ୍‌ଏସ୍‌ଏସ୍ ଅଧିକାରୀ ବୈଦ୍ୟନାଥ ଦାସ ସୂଚନା ଦେଇଛନ୍ତି। ଏହି ଶିବିର ଅକ୍ଟୋବର ୪ ପର୍ଯ୍ୟନ୍ତ ଚାଲିବ। ଏଥିରେ ୪୦ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି । ଛାତ୍ରଛାତ୍ରୀ ମାନଙ୍କୁ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ଏବଂ ଏଥିରେ କାର୍ଯ୍ୟକଲେ କିପରି ନିଜକୁ ଆନନ୍ଦ ମିଳିଥାଏ ସେ ବିଷୟରେ ଅତିଥିମାନେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଏସ୍.କେ.ସି.ଜି. କଲେଜର ଭାରପ୍ରାପ୍ତ ଅଧ୍ୟାପକ ପ୍ରଫେସର ଇନ୍ଦୁଭୂଷଣ ସାହୁ, ବାଳିକା ବିଭାଗର ଏନ୍‌ଏସ୍‌ଏସ୍ ଅଧିକାରୀ କିରଣବାଳା ଭୂୟାଁ, ଅତିଥି ଭାବେ ଭୂଗୋଳ ବିଭାଗର ବୈଲୋଚନ ବେହେରା, ଗୋପୀନାଥ ଗଜପତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭ୍ର ନାରାୟଣ ଦାସ, ଟୁନା ଗୌଡ଼ ଉପସ୍ଥିତ ଥିଲେ ।

## ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

# ହତ୍ୟାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବି

ନବରଙ୍ଗପୁର,୨୮।୯(ବି.ପ୍ର.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧିନ ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ପରିବାର ଲୋକେ ଝିଅକୁ ହତ୍ୟା କରି ପୋଖରୀରେ ଫୋପାଡି ଦେଇଥିବା ନେଇ ଅଭିଯୋଗ କରିଥିଲେ। ମହିଳାଙ୍କ ବାପାଘର ଲୋକେ ଥାନାରେ ସ୍ୱାମୀ, ଶାଶୁ,ଶ୍ୱଶୁର ସମେତ ୫ଜଣଙ୍କ ନାମରେ ଏତଲା ଦେଇଥିବା ବେଳେ ସ୍ୱାମୀ ଓ ଶ୍ୱଶୁର ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଅନ୍ୟମାନଙ୍କୁ ଗିରଫ କରାଯାଇ ନ ଥିବାରୁ ମୃତକଙ୍କ ବାପଘର ପରିବାର ଲୋକେ ଏହାକୁ ପ୍ରତିବାଦ କରିଛନ୍ତି । ଗାଁରେ ପ୍ରାୟ ୫୦ ଜଣ ମହିଳା ଓ ପୁରୁଷ ନବରଙ୍ଗପୁର ମାଆଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀଙ୍କୁ ଭେଟିଛନ୍ତି। । ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ ଏଥିରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ଆଳ ଦେଖାଉଛି ବୋଲି କାଦମ୍ବିନୀ ନିକଟରେ ଅଭିଯୋଗ କରିଛନ୍ତି । ଏନେଇ କାଦମ୍ବିନୀ ଏସପି ଓ ଡିଆଇଜିଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ସୋମବାର ପରିବାର ଲୋକେ ଡିଆଇଜିଙ୍କୁ ସାକ୍ଷାତ କରିବେ ବୋଲି କାଦମ୍ବିନୀ କହିଛନ୍ତି । ପରିବାର ଲୋକଙ୍କ କହିବା ଅନୁଯାୟୀ ପରଚିପାର ପଞ୍ଚାୟତର କିବେକଂଗା ଗାଁର ବୃନ୍ଦାବନ ବିଶ୍ୱାସଙ୍କ ଝିଅ ଟିନା ମିସ୍ତ୍ରୀ (୨୧) ଗତ ୬ ମାସ ତଳେ ସେହିଗାଁର ପୁରୁଷୋତ୍ତମ ମିସ୍ତ୍ରୀଙ୍କ ପୁଅ ସୁମିତ ମିସ୍ତ୍ରୀଙ୍କୁ ପ୍ରେମ ବିବାହ କରିଥିଲେ । ତେବେ ଟିନା ତିନିମାସର ଗର୍ଭବତୀ ରହିଥିଲେ । ୨୨ ତାରିଖ ରାତିରେ ଟିନା ନିଖୋଜ ହୋଇଥିବା ନେଇ ଶ୍ୱଶୁର ଘର ପରିବାର ଲୋକ ଆସି ଜଣାଇଥିଲେ । ୨୩ ତାରିଖରେ ଟିନାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା । ଟିନାଙ୍କୁ ହତ୍ୟାକରି ପୋଖରିରେ ଫେପାଡି ଦିଆଯାଇଥିବା ନେଇ ପରିବାର ଲୋକେ ଥାନାରେ ଏକ ଏତଲା ଦେଇଥିଲେ। ଝିଅକୁ ହତ୍ୟା କରାଯାଇଥିବା ସନ୍ଦେହ ନେଇ କିଛି ସୁରାକ୍ ପୋଲିସକୁ ଦିଆଯାଇଥିଲେ ମଧ୍ୟ ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରୁନାହିଁ ବୋଲି ଗ୍ରାମବାସୀ ସିଧାସଳଖ ଅଭିଯୋଗ କରିଛନ୍ତି । ବୃନ୍ଦାବନଙ୍କ ଏତଲାକୁ ଆଧାର କରି କେବଳ ଟିନାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ଏହା ଏକ ହତ୍ୟା ନା ଆତ୍ମହତ୍ୟା ତାହାର ରହସ୍ୟ ଖୋଲିବ ବୋଲି କୁହାଯାଉଛି ।

# ‘ଥରେ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ନିଷେଧ’ ସଚେତନତା




ସଚେତନତା ଶୋଭାଯାତ୍ରା ବାହାରିଛି ।

କାଶୀନଗର,୨୮।୯(ଡି.ଏନ୍.ଏ.)

ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାର ବାର୍ତ୍ତା ନେଇ କାଶୀନଗର ଏନ୍‌ଏସି ପକ୍ଷରୁ ‘ଥରେ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ୍ ନିଷେଧ’ ସଚେତନତା ଶୋଭାଯାତ୍ରା ଓ ଧରପଗଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଅଙ୍ଗନୱାଡ଼ି କର୍ମୀ ଓ ଏନ୍‌ଏସିର କର୍ମଚାରୀମାନେ ଶୋଭାଯାତ୍ରାରେ ବାହାରି ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଚେତନ କରାଯିବା ସହ ବିଭିନ୍ନ ବ୍ୟବସାୟ କେନ୍ଦ୍ର ଗୁଡ଼ିକରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଥିଲା। ଏଥିରେ ଏନ୍‌ଏସିର ଶାନ୍ତିଲତା ପୋଲେଇ, ପି. ମନୋହର, ବିଜୟ କୁମାର ପାଢ଼ୀଙ୍କ ସମେତ ସ୍ୱଚ୍ଛସାଥୀ ସୁପରଭାଇଜର, ସ୍କୁଲ ଛାତ୍ରୀଛାତ୍ର ଏବଂ ମହିଳା ଗୋଷ୍ଠୀ ସାମିଲ୍ ହୋଇଥିଲେ ।

# ମହିଳା ମହାବିଦ୍ୟାଳୟରେ ପୋଷଣ ଅଭିଯାନ




ପୋଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ସୁନାବେଡ଼ା,୨୮।୯(ଡି.ଏନ୍.ଏ.)

ସୁନାବେଡ଼ା ସ୍ଥିତ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ପୋଷଣ ଅଭିଯାନ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଛି। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ହାଲ୍ ଡାକ୍ତରଖାନା ଡାକ୍ତର ପାର୍ଥସାରଥୀ ସେଠୀ ଯୋଗଦେଇ ଛାତ୍ରୀମାନଙ୍କୁ କୁପୋଷଣ କ'ଣ, ଏହା ଦ୍ୱାରା ହେଉଥିବା ସମସ୍ୟା ଏବଂ ନିରାକରଣ ଉପରେ ଅବଗତ କରାଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଉଷାରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପୌଷ୍ଟିକ ଖାଦ୍ୟ ଉପରେ ଛାତ୍ରୀମାନଙ୍କୁ ସଂକ୍ଷିପ୍ତରେ ଧାରଣା ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସରିତା ପରିଡ଼ା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ସମୟରେ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ନିଜର ମତ ପ୍ରଦାନ କରିଥିଲେ। ଶେଷରେ ୟୁଥ୍ ରେଡକ୍ରସ୍ କାଉନସେଲର ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗାଈ ଗୁହାଳ

# ଦୁର୍ଗନ୍ଧ, ମଶା: ରୋଗୀ ଅସନ୍ତୁଷ୍ଟ

ପାରଳାଖେମୁଣ୍ଡି,୨୮।୯(ସ୍ୱ.ପ୍ର.)



ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରହିଥିବା ଗାଈଗୁହାଳ ।

ଗଜପତି ଜିଲା ଗୁମ୍ମା ବ୍ଲକ୍ ନାମନଗଡ଼ ପଞ୍ଚାୟତ ଅଧୀନସ୍ଥ ଆନନ୍ଦପୁରରେ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଙ୍ଗନୱାଡ଼ି କେନ୍ଦ୍ର ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଛି। ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଗାଈ ଗୁହାଳ ରହିଥିବା ଯୋଗୁ ଚିକିତ୍ସାପାଇଁ ଆସୁଥିବା ରୋଗୀ ଦୁର୍ଗନ୍ଧମୟ ପରିବେଶ ଯୋଗୁ ଅସନ୍ତୋଷ ପ୍ରକାଶ କରଥିବା ଜଣାପଡ଼ିଛି। ସେହିପରି ଗୋବର ପଡ଼ିବା ସହ ଗାଈ ଗୋରୁଙ୍କ ଚଳପ୍ରଚଳ କାରଣରୁ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏହା ନିକଟରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ରହିଥିବାବେଳେ ପ୍ରବଳ ମଶା ଯୋଗୁ ପାଠ ପଢ଼ିବାରେ ସମସ୍ୟା ସୃଷ୍ଟି ହେଉଛି। ଏହାସହ ମ୍ୟାଲେରିଆ ହେବା ସମ୍ଭାବନା ମଧ୍ୟ ରହିଛି। ତେଣୁ ଏଠାରେ ରୋଗ ଭଲ ହେବା ବଦଳରେ ନୂତନ ରୋଗ କିଣିବା ସାର ବୋଲି ରୋଗିଙ୍କଠାରୁ ଶୁଣିବାକୁ ମିଳୁଛି। ଏ ବିଷୟରେ ଗ୍ରାମବାସୀ ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏବେ ଡେଙ୍ଗୁ ଋତୁ ଚାଲିଥିବାବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାବେଳେ ଏଠାରେ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖ ପରିବେଶକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏ କ୍ଷେତ୍ରରେ ପଦକ୍ଷେପ ନେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି ।



ଯାହାର ହୃଦୟଟି ଭଲ, ସେ
ଅଗାଧ ସମ୍ପତ୍ତିର ଅଧିକାରୀ।
- ୱିଲିୟମ ସେକ୍ସିଅର



## ସଂକ୍ଷେପରେ




### ଜିଲାସ୍ତରୀୟ ପ୍ରତିଯୋଗିତାରେ ପଦ୍ମପୁରର ଛାତ୍ରୀ ପ୍ରଥମ

**ପଦ୍ମପୁର, ୨୮।୯ (ଡି.ଏନ୍.ଏ.):** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆୟୋଜିତ ଜିଲାସ୍ତରୀୟ ତର୍କ ପ୍ରତିଯୋଗିତାରେ ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୌସୁମୀ ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ରାୟଗଡ଼ା ଗୋବିନ୍ଦ ଚନ୍ଦ୍ର ଜିଲା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଶଶିଭୂଷଣ ପଟ୍ଟନାୟକ ଆୟୋଜନ କ୍ରମେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡିଆରଡିଏ ପିଡି ଅମ୍ରିତ ଋତୁରାଜ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସହ ଶିକ୍ଷା ବିଭାଗର ବହୁ ପଦାଧିକାରୀ ଯୋଗ ଦେଇ ପୁରସ୍କୃତ କରିଥିଲେ। ଏଥିରେ ୮୫ ଛାତ୍ରୀଛାତ୍ର ଭାଗ ନେଇଥିଲେ।

### ମହାଳୟା ଅମାବାସ୍ୟା ପାଳିତ



**ମୁନିଗୁଡା,୨୮।୯(ଡ଼ି.ଏନ.ଏ):** ମୁନିଗୁଡାଠାରେ ପବିତ୍ର ମହାଳୟା ଅମାବାସ୍ୟା ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟେକ ଘରର ଛୋଟ ଛୋଟ ପିଲାମାନେ ସକାଳୁ ନୂତନ ବସ୍ତ୍ର ପିନ୍ଧି ସାତୋଟି ଘରକୁ ଯାଇ ଭିକ ଆକାରରେ ଚାଉଳ, ପନିପରିବା, ଡାଲି ଆଦି ସଂଗ୍ରହ କରିଥିଲେ । ପରେ ଭାତ, ଡାଲି, ଆମ୍ବିଳ, ଖିରି ସହ ବିଭିନ୍ନ ପିଠା ପ୍ରସ୍ତୁତ କରାଯାଇଥିଲା । ପରେ ଦୀପ ,ଧୂପ, ଫୁଲ, ଚନ୍ଦନ ଦେଇ କଳସ ସ୍ଥାପନ କରି ମହାଳୟା ପୂଜା କରାଯାଇଥିଲା । ଏହି ପୂଜାରେ ମା'ମାନେ ଉପବାସ ରହି ନିଜ ପୁଅର ଦୀର୍ଘାୟୁ କାମନା କରିଥାନ୍ତି ।

### ଇତିହାସ ବିଭାଗର ଆଲୋଚନାଚକ୍ର

**ରାୟଗଡ଼ା ଅଫିସ,୨୮।୯:** ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗର ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିତ ଡ଼. ଦୁଷ୍ମନ୍ତ କୁମାର ମହାନ୍ତ ମୁଖ୍ୟ ଅତିଥ ଭାବେ ଯୋଗ ଦେଇ ଇତିହାସର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ମନ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼. ରେବା ପାତ୍ର ସଭାପତିତ୍ୱ କରିଥିଲେ । ଅଧ୍ୟାପିକା ରଣତି ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ମମତା ମିଶ୍ର, ପ୍ରତିମା ପଣ୍ଡାଙ୍କ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲା ରାଇସ ମିଲ୍ ସଂଘ ବୈଠକ

**ରାୟଗଡ଼ା ଅଫିସ,୨୮।୯:** ଜେକେ ରୋଡ଼ସ୍ଥିତ ଚେକଗେଟ୍ ନିକଟରେ ଥିବା ରାୟଗଡ଼ା ରାଇସ ମିଲ ସଂଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳିତ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ଆର କାଶୀନନ୍ଦ ସଭାପତି, ଏଲ. ଶ୍ରୀଧର ସମ୍ପାଦକ, ଗୌରୀଶଙ୍କର ସେନାପତି ଉପସଭାପତି, ମୀନାକ୍ଷୀ ପ୍ରସାଦ ସାହୁ ଯୁଗ୍ମ ସମ୍ପାଦକ, କେ. ଶ୍ରୀଧର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରାୟଗଡ଼ା ପୌର ପାଳିକା ଅଞ୍ଚଳ ନିମନ୍ତେ ପି. ବାସୁଦେବ, କେ. ନରେଶ କୁମୁଦନ. ଜି ଗୌରୀଶଙ୍କର ସୁବୁଦ୍ଧି, ରାୟଗଡ଼ା ବ୍ଲକ ନିମନ୍ତେ ସିଲା ଜପନାଥ ,କେ ଅମରନାଥ,କେ ମୁରଲୀ କୁମୁଦନ , ଆର ବାସୁଦେବ ରାଓ, କଲ୍ୟାଣସଂହପୁର ବ୍ଲକ ନିମନ୍ତେ ବି.ରବି କୁମାର,କୋଲନରା ବ୍ଲକ ନିମନ୍ତେ ଦେବାସିସ ବକ୍ସିପାତ୍ର , ବିଷମକଟକ ଲାଗି ନଳନୀକାନ୍ତ ପାଳ, ମୁନିଗୁଡ଼ା ବ୍ଲକ ନିମନ୍ତେ ଜି ସୂର୍ଯ୍ୟ ରାଓ, ତାରିଣୀ ସେନ ପାତ୍ର ,ଗୁଣୁପୁର ବ୍ଲକ ଲାଗି ସୁମନ ପାତ୍ର ,ଗୁଡ଼ଲା ଗୋବିନ୍ଦ ରାଓ , ରାମନାଗୁଡ଼ା ବ୍ଲକ ଲାଗି ସହସ୍ରାଂଶୁ ପାଢ଼ୀ, କେ ମୋହନ, ପଦ୍ମପୁର ବ୍ଲକ ପାଇଁ ଲାଡ଼ି ଗାନ୍ଧୀ, ରୀତ ପାଣିଗ୍ରାହୀ ମନୋନୀତ ହୋଇଛନ୍ତି ।

■ ଜବରଦଖଲ ଉଚ୍ଛେଦକୁ ନେଇ ଅସନ୍ତୋଷ

# ପ୍ରତିବାଦରେ ରାସ୍ତାରୋକୋ କଲେ ଗ୍ରାମବାସୀ

**ପଞ୍ଚାୟତ କାର୍ଯ୍ୟାଳୟ , ବିଦ୍ୟାଳୟରେ ତାଲା ପକାଇଲେ ଆନ୍ଦୋଳନକାରୀ**

**ଗୁଣପୁର,୨୮।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂ ଅଞ୍ଚଳରେ ଜବରଦଖଲ ଉଚ୍ଛେଦକୁ ନେଇ ପ୍ରଶାସନ ଏବଂ ରିଜିଂତାଲ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ପ୍ରତିବାଦରେ ଗ୍ରାମବାସୀ ରିଜିଂତାଲ ଗ୍ରାମ ନିକଟ ରାସ୍ତାରେ ଶନିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକୋ ଚଳାଇଛନ୍ତି । ଫଳରେ ଶଗଡା, ପୁଟାସିଂ ଅଞ୍ଚଳରୁ ଗୁଣପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏଥିସହ ଆନ୍ଦୋଳନକାରୀମାନେ ପୁଟାସିଂ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ସ୍କୁଲରେ ତାଲା ପକାଇ ଦେଇଛନ୍ତି । ସେହିପରି ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ୨ ମହିଳା ଆନ୍ଦୋଳନକାରୀଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି ।

ପୁଟାସିଂ ନିକଟରେ ପ୍ରସ୍ତାବିତ ଏକଲବ୍ୟ ବିଦ୍ୟାଳୟ ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ କରାଯାଇଥିଲା। ସେଠାରେ ରହିଥିବା ଜବରଦଖଲକୁ ପୋଲିସ ଏବଂ ପ୍ରଶାସନର ସହାୟତାରେ ଶୁକ୍ରବାର ଉଚ୍ଛେଦ କରାଯାଇଥିଲା । ଉଚ୍ଛେଦ ସମୟରେ ତହସିଲଦାର ନମ୍ରତା ମୋଦି, ଏସଡିପିଓ ରାଜକିଶୋର ଦାସ ଏବଂ ପୁଟାସିଂ ଥାନା ଆଇଆଇସି ପଦ୍ମା ମୁର୍ଥୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉଚ୍ଛେଦକୁ ନେଇ ରିଜିଂତାଲ ଗ୍ରାମବାସୀଙ୍କ ମଧ୍ୟର ଅସନ୍ତୋଷ ପ୍ରକାଶ ପାଇଥିଲା । ସେମାନଙ୍କ ଅଭିଯୋଗ ହେଲା, ପିତୃପୁରୁଷ ଅମଳରୁ ସେମାନେ ସେହି ସ୍ଥାନରେ ରହି ଆସୁଛନ୍ତି । ବିନା ପଲ୍ଲୀସଭା ଏବଂ ଗ୍ରାମସଭାରେ ଉଚ୍ଛେଦ ପ୍ରକ୍ରିୟା କରାଯାଇଛି । ଏହାର ପ୍ରତିବାଦରେ ସିପିଆଇଏମଏଲର ନେତୃତ୍ୱରେ ଗ୍ରାମବାସୀ ରିଜିଂତାଲଠାରେ ରାସ୍ତାରୋକୋ କରିଛନ୍ତି । ଏଥିସହ ସେମାନଙ୍କ ପଟ୍ଟା ଜମିରେ ଥିବା ରିଜିଂତାଲ ହଷ୍ଟେଲ ଓ ତଇକୁରଗୁଡା ୟୁଜିଏମଇ ସ୍କୁଲ ଖାଲି କରି ପ୍ରଦାନ କରାଯାଉ, ରିଜିଂତାଲ ରାଜସ୍ୱରେ ଦଖଲ କରୁଥିବା ପଟ୍ଟାଜମିରୁ ଦଳିତମାନଙ୍କୁ ଉଚ୍ଛେଦ କରାଯାଉ, ରିଜିଂତାଲ ରାଜସ୍ୱରେ ପୁଟାସିଂ ରାଜସ୍ୱ ସଂଲଗ୍ନ କରି ପରିଚାଳିତ କରାଯାଉଥିବା ପଞ୍ଚାୟତକୁ ଉଚ୍ଛେଦ , ରିଜିଂତାଲ ଗ୍ରାମର ଜମିହୀନ ପରିବାରଙ୍କୁ ଚିହ୍ନଟ କରି ଘରପଟ୍ଟା ପ୍ରଦାନ, ରିଜିଂତାଲ ଏବଂ ପୁଟାସିଂ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବା, ଜବରଦଖଲ ଉଚ୍ଛେଦ କରାଯାଇଥିବା ସ୍ଥାନକୁ ସେମାନଙ୍କୁ ଦେବା ଆଦି ଦାବି କରିଛନ୍ତି ।



ସିପିଆଇଏମଏଲ ନେତୃତ୍ୱରେ ଗ୍ରାମବାସୀ ରାସ୍ତାରୋକୋ ଚଳାଇଛନ୍ତି ।

# ଖୁଲାମଣ୍ଡା-ପଦ୍ମପୁର ରାସ୍ତା ନିର୍ମାଣରେ ବିଳମ୍ବ

**ପଦ୍ମପୁର, ୨୮।୯(ଡ଼ି.ଏନ.ଏ)**

ରାୟଗଡା ଜିଲାର ପଦ୍ମପୁରଠାରୁ ଖୁଲାମଣ୍ଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ହେଲେ ବିଭିନ୍ନ ସମସ୍ୟା ଯୋଗୁ ଉକ୍ତ ରାସ୍ତା କାର୍ଯ୍ୟ ମନ୍ଥରଗତିରେ ଚାଲିଛି । ଇତିମଧ୍ୟରେ ୯ ମାସ ବିତିଯାଇଥିଲେ ମଧ୍ୟ କାମ ସରୁନାହିଁ । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ଖୁଲାମଣ୍ଡାଠାରୁ ପଦ୍ମପୁର ଅଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ଲୋକେ ବ୍ରହ୍ମପୁର, ରାୟଗଡା ଓ ଗୁଣପୁର ଯିବା ପାଇଁ ନିର୍ଭର କରିଥାନ୍ତି । ଏହି ୩ କି.ମି ରାସ୍ତା ନିର୍ମାଣ ନେଇ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି । ଅମ୍ବିକା କନ୍ଷ୍ଟ୍ରକଶନ ନାମକ ଠିକା ସଂସ୍ଥା ଏହି କାର୍ଯ୍ୟ କରୁଛି । ଏଥିମଧ୍ୟରୁ ୨ କିମି ରାସ୍ତା ପିଚୁ ସହ ଶେଷ ହୋଇଛି । ସୁନାରିଘାଇ ଛକ ନିକଟରେ ଏକ କଲଭର୍ଟ ନିର୍ମାଣ ହୋଇ ନାହିଁ । ତେଣୁ ବର୍ଷା ବେଳେ ଏହି କଲଭର୍ଟ ଦେଇଯିବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି । ସରକାରୀ ଜାଗା ଚିହ୍ନଟ ପାଇଁ ପିଡବ୍ଲୁଡି ତରଫରୁ ରେଭିନ୍ୟୁ ବିଭାଗକୁ ଚିଠି କରାଯାଇଛି । ସେହିପରି ତହସିଲ ତରଫରୁ ଉକ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ସରକାରୀ ଜାଗା ଚିହ୍ନଟ କରାଯାଇଛି । ହେଲେ ଉଠାଦୋକାନୀ ଓ ବିଦ୍ୟୁତ୍ ଖୁଣ୍ଟ ଯୋଗୁ କାମ ବିଳମ୍ବ ହେଉଥିବା ଜଣାଯାଇଛି । ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଉଦ୍ଧବ ପାଢୀଙ୍କୁ ପଚାରିବାରୁ, ସୁନାରିଘାଇଛକ ନିକଟରେ କିଛି ଜାଗାକୁ ନେଇ ଜମି ମାଲିକ ଯୋଗୁ ସମସ୍ୟା ଉପୁଜିଥିଲା । ତହସିଲ ତରଫରୁ ଜାଗା ଚିହ୍ନଟ କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ କରାଗଲା, ମାତ୍ର ସରକାରୀ ଜାଗାରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ଓ ବିଦ୍ୟୁତ୍ ଖୁଣ୍ଟକୁ ହଟାଇବା ପାଇଁ ସାଉଥ୍କୋ ଅସହଯୋଗ କରୁଥିବାରୁ କାର୍ଯ୍ୟରେ ବିଳମ୍ବ ହେଉଥିବା କହିଛନ୍ତି । ପଦ୍ମପୁର ତହସିଲଦାର ନୀଳମାଧବ ମାଝିଙ୍କୁ ପଚାରିବାରୁ, ପୂର୍ତ୍ତବିଭାଗ, ସ୍ଥାନୀୟ ସରପଞ୍ଚ ଓ ବୁଦ୍ଧିଜୀବୀଙ୍କୁ ନେଇ କାର୍ଯ୍ୟ କରାଯାଇଛି । ଯାହା ଆବଶ୍ୟକ ପଡିଲେ ଆମେ ସହଯୋଗ କରିବୁ ବୋଲି କହିଥିଲେ । ଏ ସମ୍ପର୍କରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ କହିଛନ୍ତି ଯେ, ଖୁବଶୀଘ୍ର ପିଡବ୍ଲୁଡି ବିଭାଗ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯିବ । ଆବଶ୍ୟକ ପଡ଼ିଲେ ସହଯୋଗ କରାଯିବ ବୋଲି କହିଛନ୍ତି ।



ନିର୍ମାଣ ହୋଇ ନ ଥିବା ପଦ୍ମପୁର-ଖୁଲାମଣ୍ଡା ରାସ୍ତା ।

■ ଉତ୍କଳ ଆଲୁମିନା ଦ୍ୱାରା କ୍ଷତିଗ୍ରସ୍ତଙ୍କ ବୈଠକ

# ସମାଧାନ ନେଇ ପ୍ରତିଶ୍ରୁତି ଦେଲେ ବିଧାୟକ

**ଟିକିରି, ୨୮।୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ହାତିଗୁଡା ଗ୍ରାମସ୍ଥିତ ହାଇସ୍କୁଲ ପଡିଆରେ ଉତ୍କଳ ଆଲୁମିନା ପ୍ରଭାବିତ ଓ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମା' ସୁନାଦେଇ ଯୁବ କମିଟି ପକ୍ଷରୁ ଆୟୋଜିତ ଏହି ବୈଠକରେ ଉତ୍କଳ ଆଲୁମିନା କମ୍ପାନୀ ଦ୍ୱାରା ପ୍ରଭାବିତ ହାତିଗୁଡା ପଞ୍ଚାୟତର ବିଭିନ୍ନ ଗ୍ରାମର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ବିଧାୟକ ମକରନ୍ଦ ମୁଦୁଲି ଯୋଗ ଦେଇ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ । ଏନେଇ ଉତ୍କଳ ଆଲୁମିନା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କାରଖାନା ପ୍ରତିଷ୍ଠାରେ ହାତିଗୁଡା ପଞ୍ଚାୟତର ୬ଟି ଗ୍ରାମର ଲୋକେ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ । କିନ୍ତୁ କମ୍ପାନୀ ପକ୍ଷରୁ ଏହି ପଞ୍ଚାୟତ ପାରିପାର୍ଶ୍ୱିକ ଉନ୍ନତି ଓ କ୍ଷତିଗ୍ରସ୍ତଙ୍କୁ କାରଖାନାରେ ନିଯୁକ୍ତି ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ହାତିଗୁଡା ପଞ୍ଚାୟତ ପ୍ରତି କମ୍ପାନୀ ଦୃଷ୍ଟି ଦେଉ ନ ଥିବା ମା' ସୁନାଦେଇ ଯୁବ କମିଟି ସଭାପତି ଶଙ୍କର ମୁଦୁଲି ପ୍ରକାଶ କରିଛନ୍ତି । ଏହି ବୈଠକରେ ଜିଲା ପରିଷଦ ସଭ୍ୟା ଅମ୍ବିକା ମାଝି, ହାତିଗୁଡା ସରପଞ୍ଚ କାମତା ମାଝି, ପୂର୍ବତନ ନାଏବ ସରପଞ୍ଚ ହଳଧର ନାଏକ, ଗୋପାଳ ସାହୁ, ବିଶ୍ୱନାଥ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।



ବୈଠକରେ ବିଧାୟକଙ୍କ ସହ ଅନ୍ୟମାନେ ।

### ସ୍ୱଚ୍ଛତା ପଖୱାଡା ଦିବସ ପାଳିତ

**ଜେକେପୁର, ୨୮।୯**

ଜେକେପୁରରେ ଥିବା ଲକ୍ଷ୍ମୀପତି ସିଂଘାନିଆ ଉଚ୍ଚ ବିଦ୍ୟାଳୟ ତରଫରୁ ସିଂଗାପୁର ରୋଡ୍ ରେଲ୍ୱେ ଷ୍ଟେଶନଠାରେ ଶନିବାର ସ୍ୱଚ୍ଛତା ପଖୱାଡ଼ା ଦିବସ ପାଳିତ ହୋଇଯାଇଛି । ଏନ୍‌ସିସି ଛାତ୍ର ଓ ବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଉଦୟ ଭାସ୍କର ରାଓଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜେକେପୁର ପେପର ମିଲ୍‌ର ଲୋକସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପ୍ରିନ୍ସିପାଲ ପି. ଭେଙ୍କଟେଶ୍ୱର ରାଓ ଓ ପ୍ରଧାନଶିକ୍ଷକ ବି.କେ. ମହାପାତ୍ର ଯୋଗ ଦେଇଥିଲେ । ଷ୍ଟେଶନରେ ସଫେଇ କରିଥିଲେ । ବିଦ୍ୟାଳୟ ନିକଟରୁ ଏନ୍‌ସିସି ଛାତ୍ର ଓ ଶିକ୍ଷକମାନେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଷ୍ଟେଶନ ନିକଟରେ ପହଞ୍ଚିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ମାଲିଶ୍ୱେର ରାଓ, ରାମପ୍ରସାଦ ମାଲ ବିଷୋୟୀ, ଜିଡିଆର ପଟ୍ଟନାୟକ, ସିଙ୍ଗାପୁର ରୋଡ୍ ଷ୍ଟେଶନ ମାଷ୍ଟର ସଞ୍ଜୟ କୁମାର ମହାନ୍ତି, ଶ୍ରୀନୁ ବାବୁ, ଅବସରପ୍ରାପ୍ତ ଶିକ୍ଷକ ନଟବର ମହାନ୍ତ, ପ୍ରଭାକର ରାଓ ସହଯୋଗ କରିଥିଲେ । ଅଧ୍ୟାପକ ବଦ୍ରିନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**କୋଲନରା, ୨୮।୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକ ସଦରସ୍ଥିତ ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୨୬ ଓ ୨୭ ଦୁଇଦିନ ଧରି ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋଲନରା ବିଡ଼ିଓ ତାପସ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କୋଲନରା ବିଇଓ ଏମ୍. ଖଗେଶ୍ୱର ରାଓ, ଡବ୍ଲୁଇଓ ସିଦ୍ଧାର୍ଥ କୁମାର ପଟ୍ଟନାୟକ ଓ ବିଏସ୍‌ଏସ୍‌ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ବ୍ଲକର ୧୭ଟି ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ନାଥ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

### ପ୍ଲାଷ୍ଟିକ ମୁକ୍ତ ଅଭିଯାନ

**ରାୟଗଡ଼ା ଅଫିସ , ୨୮।୯**

ରିଲାଏନ୍ସ ଜିଓ ତରଫରୁ ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ରାୟଗଡ଼ା ଷ୍ଟେଶନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ପି. ଧିରେନ୍ଦ୍ର ମୋହନଙ୍କ ନେତୃତ୍ୱରେ ଏହି ଅଭିଯାନ ଆୟୋଜିତ ହୋଇଛି । ଏହି ଅବସରରେ ରାୟଗଡ଼ା ଷ୍ଟେଶନ ମ୍ୟାନେଜର ପ୍ରତାପ ଚନ୍ଦ୍ର ସେଠୀ ଓ ଷ୍ଟେଶନ ହେଲ୍‌ଥ ଅଫିସର କଉସାଲ କିଶୋର ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଷ୍ଟେଶନ ପରିସର ସଫା କରାଯିବା ସହ ଯାତ୍ରୀମାନଙ୍କୁ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ସଚେତନ କରାଯାଇଥିଲା ।



ରାୟଗଡ଼ା ଷ୍ଟେଶନଠାରେ ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମକର୍ତ୍ତାମାନେ ।

■ ବ୍ରାହ୍ମଣସାହି ପୂଜା ମଣ୍ଡପ

# ବାହ୍ୟ ଜାକଜମକକୁ ଗୁରୁତ୍ୱ ଦିଏନି କମିଟି

**ରାୟଗଡ଼ା ଅଫିସ,୨୮।୯**

ରାୟଗଡ଼ାର ବ୍ରାହ୍ମଣସାହିର ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଚଳିତବର୍ଷ ଏହି ପୂଜା ୫୮ ବର୍ଷ ପୂରଣ କରିଛି । ପ୍ରଥମେ ବଙ୍ଗୀୟ ବିଶ୍ୱାସରେ ପ୍ରଭାବିତ ହୋଇ ଭାଗୀରଥି ଦାସଙ୍କ ବାରଣ୍ଡାରେ ଏହି ପୂଜା ଆରମ୍ଭ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ଧନୁୟ ପାତ୍ର , କେଦାର ନାଥ ପଣ୍ଡା , ନବୀନ ଚନ୍ଦ୍ର , ସୁବାସ ଚନ୍ଦ୍ର ମିଶ୍ରଙ୍କ ପ୍ରଚେଷ୍ଟାରେ ପ୍ରଥମେ ଏହି ପୂଜା ଆରମ୍ଭ ହୋଇଥିଲା । ବ୍ରାହ୍ମଣ ସାହି ପୂଜାର ଭିନ୍ନ ମହତ୍ତ୍ୱ ରହିଛି । ବାହ୍ୟ ଜାକଜମକ ପଛରେ ନ ପଡ଼ି ମା'ଙ୍କର ପୂଜା ଯେପରି ଭକ୍ତିମୟ ପରିବେଶରେ କରାଯିବ ସେନେଇ ଗୁରୁତ୍ୱ ଦିଆଯାଇଥାଏ । ଷଷ୍ଠୀରେ ଆରମ୍ଭ ହେଉଥିବା ଏହି ପୂଜାରେ ୧୨୦ କେଜି ଘିଅରେ ହୋମ କରାଯାଏ । ଆସନ୍ତା ୪ ତାରିଖରେ ବିଲାଧିବାସ ,ମଙ୍ଗଳାରୋପଣ ,ଅଙ୍କୁରୋପଣ,ଗଙ୍ଗାଧିବାସ ବିଧି ଅନୁଷ୍ଠିତ ହେବ । ୫ରେ ମା'ଙ୍କ ନେତ୍ର ତଥା ବିଗ୍ରହ ପ୍ରତିଷ୍ଠା ,୬ରେ ମହାଷ୍ଟମୀ ପୂଜାକର୍ମ, ୭ରେ ଦିନ ଷୋଡ଼ଷ କନ୍ୟା ପୂଜା, ୮ରେ ଦଶମୀ ପୂଜା ସହ ରାବଣ ପୋଡ଼ି ଆୟୋଜିତ ହେବ । ୯ ଓ ୧୦ରେ ବିଶ୍ରାମ ପୂଜା କରାଯିବ । ୧୧ ତାରିଖ ସନ୍ଧ୍ୟାରେ ମା'ଙ୍କୁ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ପକ୍ଷରୁ କୁହାଯାଇଛି । କଟକର ଈଶ୍ୱର ମା'ଙ୍କ ମୂର୍ତ୍ତି ଗଢୁଥିବା ବେଳେ ଗୋକୁଳ କାର୍ଜୀ ,ଗୋପୀନାଥ ପାଳ, ଭାସ୍କର ପ୍ରଧାନ ଓ ମହେନ୍ଦ୍ର ରଥ ସହଯୋଗ କରୁଛନ୍ତି । ଅନନ୍ତ ଚରଣ ରଥ ପୂଜା କାର୍ଯ୍ୟ ତୁଲାଇବେ ।



ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# କେନ୍ଦୁ ପତ୍ର କର୍ମଚାରୀଙ୍କ ମନ୍ତ୍ରୀଙ୍କୁ ଦାବିପତ୍ର

**ରାୟଗଡ଼ା ଅଫିସ,୨୮।୯**

ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଜୟପୁର କେନ୍ଦୁପତ୍ର ଖଣ୍ଡୀୟ ବନାଧିକାରୀଙ୍କ ସମସ୍ତ ବନାଞ୍ଚଳ ଅଧୀନରେ କାର୍ଯ୍ୟରତ କେନ୍ଦୁପତ୍ର କର୍ମଚାରୀମାନେ ଶନିବାର ଏକ ଦାବିପତ୍ର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପ୍ରଦାନ କରିଛନ୍ତି । ବିଗତ ବର୍ଷଗୁଡ଼ିକରେ ରଥ ଯାତ୍ରା ସମୟରେ କେନ୍ଦୁ ପତ୍ର ଶ୍ରମିକମାନେ ନିଜର ପ୍ରାପ୍ୟ ପାଇଯାଉଥିଲେ । କିନ୍ତୁ ଚଳିତ ବର୍ଷ କାର୍ଯ୍ୟ ସରିଯିବାର ୭ ମାସ ବିତିଯାଇଥିଲେ ମଧ୍ୟ ଶ୍ରମିକମାନେ ନିଜର ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି । ଆର୍ଥିକ ଅସୁବିଧା ଯୋଗୁ ଶ୍ରମିକମାନେ କୃଷି କାର୍ଯ୍ୟରେ ଅନେକ ଅସୁବିଧା ହୋଇଥିବା କହିଛନ୍ତି । ଏହି ସମସ୍ତ କର୍ମଚାରୀ ଙ୍କ ବକେୟା ଅର୍ଥ ତୁରନ୍ତ ପ୍ରଦାନ କରିବାକୁ ଦାବି କରିଛନ୍ତି । ଦାବିପତ୍ର ଦେବା ସମୟରେ ଡାଲବନ୍ଧୁ ହିଆ,ସୀମାଦ୍ରି ପାତ୍ର ,ଦୀନବନ୍ଧୁ ,ସତ୍ୟନାରାୟଣ ମାଝି , ରୁବୁନି ପାତ୍ର ଖଣପତି ବାଗ ,ଅରୁଣ ହିକକା ପ୍ରମୁଖ ଉପସ୍ଥିତ ଥିଲେ ।

■ ମରାମତି ହେଲାନି ଭଙ୍ଗା ବ୍ରିଜ

# କାଠ ପୋଲ ହିଁ ଭରସା

**ବିଷମ କଟକ,୨୮।୯**

ଚଳିତ ଲଗାଣ ବର୍ଷାରେ ଭାଙ୍ଗିଗଲା ପୋଲ । ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ବିଚ୍ଛିନାଞ୍ଚଳ ଭାବେ ଦିନ କାଟିଲେ ଗ୍ରାମବାସୀ । ତୁରନ୍ତ ପୋଲ ମରାମତି କରିବା ନେଇ ବାରମ୍ବାର ଗୁହାରି କଲେ । ହେଲେ କିଛି ସୁଫଳ ମିଳିଲା ନାହିଁ । ତେଣୁ ବାଧ୍ୟ ହୋଇ ଗ୍ରାମବାସୀ ଏକ କାଠ ପୋଲ ନିର୍ମାଣ କରିଛନ୍ତି । ଏପରି ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ।

ବ୍ଲକର ହାଟମୁନିଗୁଡା ପଞ୍ଚାୟତ ପରଡିଗୁଡା ଗ୍ରାମରେ ୪୦ଟି ପରିବାରରେ ପ୍ରାୟ ୨୦୦ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ମାଳିଶିରିପୁରରୁ ପରଡିଗୁଡା ଯିବା ରାସ୍ତାର ନାଳ ଉପରେ ଏକ ବ୍ରିଜ୍ ରହିଛି । ଚଳିତ ଲଗାଣ ବର୍ଷାରେ ଉକ୍ତ ବ୍ରିଜ୍‌ଟି ଭାଙ୍ଗିଯାଇଛି । ପରେ ପରଡିଗୁଡା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ମାଳିଶିରିପୁର ଦେଇ ହାଟମୁନିଗୁଡା ପଞ୍ଚାୟତକୁ ଯିବା ଆସିବା ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଶୁଣିଲେ ନାହିଁ । ଶେଷର ପରଡିଗୁଡା ଗ୍ରାମବାସୀ ନିଜ ଖର୍ଚ୍ଚରେ ନିଜେ ପରିଶ୍ରମ କରି ଉକ୍ତ ନାଳ ଉପରେ ଏକ କାଠ ପୋଲ ନିର୍ମାଣ କରିଛନ୍ତି । ବର୍ତ୍ତମାନ ଏହି କାଠ ପୋଲ ହିଁ ଯାତାୟତର ଏକ ମାତ୍ର ମାଧ୍ୟମ ପାଲଟିଛି । ବିପଦସଙ୍କୁଳ ଅବସ୍ଥାରେ ଲୋକେ ଏହି ପୋଲ ଦେଇ ଯିବା ଆସିବା କରୁଛନ୍ତି । ତୁରନ୍ତ ଏହି ନାଳ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ପରଡିଗୁଡା ଗ୍ରାମବାସୀ ଦାବି କରିଛନ୍ତି ।



ଗ୍ରାମବାସୀ ନିର୍ମାଣ କରିଥିବା କାଠ ପୋଲ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ସେପ୍ଟେମ୍ବର ୨୯/୨୦୧୯ Rayagada, Sunday, September. 29 / 2019



ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ

କାଳିମେଳା,୨୮।୯(ଡି.ଏନ.ଏ.)

କାଳିମେଳା ବ୍ଲକ ଅନ୍ତର୍ଗତ ଚିନ୍ତଲୱାଡା ଓ ଗମ୍ପାକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଜେଡି ପକ୍ଷରୁ ଶନିବାର ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି ମୁଖ୍ୟଅତିଥି, ଅନ୍ୟତମ ଅତିଥି ରୂପେ ଡ. କାମରାଜ କବାସୀ, ଜିଲା ଯୁବ ସଭାପତି ଅନୁପ ମିସ୍ତ୍ରି, ବ୍ଲକ ସଭାପତି କେ. ଭେଙ୍କଟ ରାଓ, ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଚିନ୍ତଲୱାଡା ସରପଞ୍ଚ ପଦିଏ ମାଢ଼ି, ପୂର୍ବତନ ସମିତିସଭ୍ୟ ହରିବନ୍ଧୁ ହନ୍ତାଳ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ଉପସ୍ଥିତ ଅତିଥିମାନେ କର୍ମୀଙ୍କୁ ଅବଗତ କରାଇ ଏହା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଗମ୍ପାକୋଣ୍ଡା ପଞ୍ଚାୟତର ଗାଗ୍ରିମେଟଲା ଗ୍ରାମରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିଲା। ସରପଞ୍ଚ ଲକ୍ଷ୍ମୀ କବାସୀ, ଗାଁ ମୁଖିଆ ଗଙ୍ଗା କବାସି, ପୂର୍ବତନ ୱାର୍ଡମେମ୍ବର ପାଣ୍ଡୁ କବାସି, ଏମଭି-୧୦୫ ଗ୍ରାମର ଖୁକନ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ।

# ନିଜ ଉଦ୍ୟମରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଶିକ୍ଷୟିତ୍ରୀ

## ସମ୍ମାନିତ ହେଲେ ୬ ବ୍ୟକ୍ତିତ୍ୱ

କାଳିମେଳା,୨୮।୯(ଡି.ଏନ.ଏ.)

କାଳିମେଳା ବ୍ଲକ ଅନ୍ତର୍ଗତ ବେଜାଙ୍ଗିୱାଡା ପଞ୍ଚାୟତର ବେଜାଙ୍ଗିୱାଡା ଗ୍ରାମରେ ଶିକ୍ଷା,ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ଜଣେ ଶିକ୍ଷୟିତ୍ରୀ ଲୋକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ବେଜାଙ୍ଗିୱାଡା ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶୁକ୍ରି ମାଡକାମିଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏନେଇ ହୋଇଥିବା ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି ମୁଖ୍ୟଅତିଥି, ସମାଜିକ କର୍ମୀ ଡ.କାମରାଜ କବାସୀ ମୁଖ୍ୟବକ୍ତା, କୃଷ୍ଣଚନ୍ଦ୍ର ବୁରୁଦା ଅନ୍ୟତମ ବକ୍ତା ଏବଂ ପୂର୍ବତନ ସରପଞ୍ଚ ଗଙ୍ଗା ମାଢ଼ି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଶିକ୍ଷା ମଣିଷକୁ ଉଚ୍ଚତର ସୋପାନରେ ପହଞ୍ଚାଇଥାଏ। ଶିକ୍ଷା ଦ୍ୱାରା ଅଞ୍ଚଳର ବିକାଶ ହୋଇଥାଏ। ଏଥିରେ ଲୋକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସବୁ କ୍ଷେତ୍ରରେ ସ୍ୱାସ୍ଥ୍ୟ ହିଁ ମୂଳ। ଜଣେ ସୁସ୍ଥ ରହିଲେ ସବୁକିଛି କରିପାରିବେ। ସୁସ୍ଥ ପରିବେଶ ଗଢ଼ି ତୋଳିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହୋଇଥାଏ ବୋଲି ଅଧ୍ୟକ୍ଷ ମାଡକମି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ଶିକ୍ଷା,ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ନିଜ ଅଞ୍ଚଳରେ ସମାଜ ପାଇଁ ଭଲ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ବ୍ୟକ୍ତିତ୍ୱମାନେ ହେଲେ ଅରୁଣମାଳା ଗ୍ରାମର ଭୀମା କାବାସୀ,ବାପନପାଲ୍ଲୀ ଗ୍ରାମର ଜଗା କବାସୀ, ପଦିଏ କବାସୀ, ୱାର୍ଡସଭ୍ୟ ଭୀମା ମାଡକାମି, କଶା କବାସୀ ଏବଂ ଲକ୍ଷ୍ମୀ କବାସି ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ଅନ୍ୟର ମଙ୍ଗଳ କରିବା ଇଚ୍ଛା କଲା, ସେ ଜାଣି ନିଜର ମଙ୍ଗଳ ହିଁ କରିଦେଲା।
-କନ୍‌ଫୁସିଅସ



## ସଂକ୍ଷେପରେ

### ପର୍ଯ୍ୟଟନ ଦିବସ ପାଳିତ

ଜୟପୁର,୨୮।୯(ଡି.ଏନ୍.ଏ.): ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ସେବା ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୃସିଂହ ପ୍ରସାଦ ପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀନାଥ ମିଶ୍ର ଯୋଗ ଦେଇଥିଲେ। କୋରାପୁଟ ଜିଲାରେ ପ୍ରକୃତି ଦ୍ୱାରା ଅନେକ ପର୍ଯ୍ୟଟନ ସ୍ଥଳ ସୃଷ୍ଟି ହୋଇଛି । ସେଠାକୁ ଉପଯୁକ୍ତ ଗମନାଗମନ ଓ ରହଣି ବ୍ୟବସ୍ଥା କରାଗଲେ ଏହା ଜିଲା, ରାଜ୍ୟ ଏବଂ ଦେଶର ଆୟ ବୃଦ୍ଧି କରିବାରେ ସହାୟକ ହେବା ସହ ସ୍ଥାନୀୟ ଲୋକେ ବିଭିନ୍ନ ଉପାୟରେ ବୃତ୍ତି ପାଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପବିତ୍ର ହନ୍ତାଳ ପ୍ରଥମ, ସୁଜିତ ସାହୁ ଦ୍ୱିତୀୟ, ହନୁ ପରଜା ତୃତୀୟ ହୋଇଥିଲେ। ସେହିପରି ସାଧାରଣ ଜ୍ଞାନରେ ରବୀନ୍ଦ୍ର ଚଣ୍ଡାଳ ପ୍ରଥମ, ସୁଜିତ ସାହୁ ଦ୍ୱିତୀୟ, ଶଙ୍କର ମୁଦୁଲି ଏବଂ ଶିବ ନାୟକ ଯୁଗ୍ମ ତୃତୀୟ ସ୍ଥାନ ପୁରସ୍କାର ପାଇଥିଲେ। ଶିକ୍ଷୟିତ୍ରୀ ସୁବର୍ଣ୍ଣ ଖିଲ, ଶିକ୍ଷକ ଏମ୍. ଯୋଗେଶ୍ୱର, ପ୍ରଭାତ ରଥ କାର୍ଯ୍ୟକ୍ରମ ପରିଚାଳନା ଓ ଶେଷରେ ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ଧନ୍ୟବାଦ ଦେଇଥିଲେ।

### ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର




ଜୟପୁର,୨୮।୯(ନି.ପ୍ର.): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ପୂଜା ସ୍ୱତନ୍ତ୍ର ଶିବିରର ଶୁଭାରମ୍ଭ ହୋଇଛି । ଏନ୍‌ଏସ୍‌ଏସ୍ ୟୁନିଟ୍-୧ର ଯୋଜନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଜୟପୁର ବ୍ଲକର ଏକମ୍ବା ପଞ୍ଚାୟତ ଅନ୍ତର୍ଗତ ଗାଗନାପୁର ଗ୍ରାମରେ କ୍ୟାମ୍ପ ପକାଇଛି। ସିଦ୍ଧାନନ୍ଦ ପ୍ରଧାନଙ୍କ ୟୁନିଟ୍ ଉକ୍ତ ପଞ୍ଚାୟତର ମାଟିଗୁଡ଼ା ଗ୍ରାମରେ କାମ ଆରମ୍ଭ କରିଛି। ସ୍ୱେଚ୍ଛାସେବୀମାନେ ଗ୍ରାମ ପରିକ୍ରମା କରି ପ୍ଲାଷ୍ଟିକ ମୁକ୍ତ ଗ୍ରାମ ଓ ସ୍ୱଚ୍ଛ ଗ୍ରାମ ନିର୍ମାଣ ପାଇଁ ଲୋକଙ୍କୁ ସଚେତନ କରାଇବା ସହ ଗ୍ରାମ ସଫେଇ କରିଥିଲେ। ୭ ଦିନ ଧରି ହେବାକୁ ଥିବା ଏହି ଶିବିରରେ ସଫେଇ, ସଚେତନତା, ସ୍ୱାସ୍ଥ୍ୟ ଶିବିର, ବ୍ୟକ୍ତିତ୍ୱର ବିକାଶ ସମ୍ବନ୍ଧରେ କର୍ମଶାଳା ଓ ପ୍ରଶିକ୍ଷଣ ସହ ସମାଜସେବାରେବ୍ରତୀ ହେବା ପାଇଁ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷିତ କରାଯିବ।

### ଜୟପୁର ସିୱାଇଏ ଦଳର ସଫଳତା

ଜୟପୁର,୨୮।୯(ଡି.ଏନ୍.ଏ.): ସିକିମର ରାଜଧାନୀ ଗାଙ୍ଗଟକରେ ଜାତୀୟ ଖ୍ରୀଷ୍ଟିଆନ ସୋସାଇଟି ଫୁଟବଲ ଟୁର୍ଣ୍ଣାମେଣ୍ଟର ୫ମ ଏଜିଏପିଇ କପ୍‌ରେ ଓଡ଼ିଶା ପକ୍ଷରୁ ଜୟପୁର ଖ୍ରୀଷ୍ଟିଆନ ୟୁଥ୍ ଆସୋସିଏସନ (ସିୱାଇଏ) ଦଳ ସଫଳତା ପାଇଛି । ଗତ ବର୍ଷର ଚାମ୍ପିୟନ ତାମିଲନାଡୁର ଫୁଟବଲ ଦଳକୁ ପ୍ରଥମ ମ୍ୟାଚ୍‌ରେ ୧-୦ ଏବଂ ଦ୍ୱିତୀୟ ମ୍ୟାଚରେ ଆସାମ ଦଳକୁ ୩-୦ରେ ପରାସ୍ତ କରିଥିଲା ସିୱାଇଏ ଦଳ। ତେବେ ସେମିଫାଇନାଲରେ ଟାଇବ୍ରେକରରେ ଗୋଆଠାରୁ ଗୋଟିଏ ଗୋଲରେ ପରାସ୍ତ ହୋଇଛି ଦଳ। ଏହି ଦଳର ମ୍ୟାନେଜର ଭାବେ ଲିଭିଙ୍ଗଷ୍ଟୋନ ଖୋସ୍ଲା ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ୧୪ଟି ରାଜ୍ୟର ଦଳ ଯୋଗ ଦେଇଥିଲେ।

### ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଜୟପୁର,୨୮।୯(ନି.ପ୍ର./ଡି.ଏନ୍.ଏ.): ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜୟପୁର ସଦର ପୋଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କଳାଗୁଡ଼ାର ଦେବ ଗଡ଼ା । ଶୁକ୍ରବାର ନୂଆଗୁଡ଼ା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ନେଇ ସଦର ଥାନାରେ ଏତଲା ହୋଇଥିଲା। ଏହାକୁ ଆଧାର କରି ପୋଲିସ କେସ୍ ନଂ ୧୬୯/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ଦେବ ଗରଡ଼ାଙ୍କୁ ଗିରଫ କରି ଡାକ୍ତରୀ ମାଇନା କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପରେ ପୀଡ଼ିତାଙ୍କ ମଧ ଡାକ୍ତରୀ ମାଇନା କରାଯାଇ ତାଙ୍କର ୟୁ/ସି ୧୬୪ ବୟାନ ରେକର୍ଡ଼ କରାଯାଇଛି।

# ଚଢ଼ାଉ ଜୋରଦାର, ୨ ଦଲାଲ ଗିରଫ

■ ଛାନିଆରେ ନିଜ କାର୍ଯ୍ୟାଳୟ ବନ୍ଦ ରଖିଲେ ଆରଟିଓ ଏଜେଣ୍ଟ

ଜୟପୁର,୨୮।୯(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ପୋଲିସ ଗତ ଶୁକ୍ରବାର ଜଣେ ଆରଟିଓ ଦଲାଲଙ୍କୁ ଗିରଫ କରିବା ପରେ ଶନିବାର ଜୟପୁର ସହରରେ ଚଢ଼ାଉ ଜୋରଦାର କରିଛି ପୋଲିସ। ସହରରେ ରହିଥିବା ବିଭିନ୍ନ ଆରଟିଓ ଦଲାଲଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। ଏଥିରେ ଦୁଇ ଜଣ ଦଲାଲ ସ୍ଥାନୀୟ ପ୍ରସାଦରାଓ ପେଟାର ଏମ୍. ସୁନ୍ଦରରାଓ ଏବଂ ଟି. ଚନ୍ଦ୍ରମଉଳିଙ୍କୁ ଗିରଫ କରିଛି ପୋଲିସ। ଉଭୟଙ୍କ କାର୍ଯ୍ୟାଳୟ ଏବଂ ଗୃହରେ



ଚଢ଼ାଉ କରାଯାଇ କେତେକ ଡ୍ରାଇଭିଂ ଲାଇସେନ୍ସ, ଗାଡ଼ି କାଗଜପତ୍ର ଜବତ କରାଯାଇଥିବା ବେଳେ ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ଏଜେଣ୍ଟମାନଙ୍କ ଭିତରେ ଛନକା ପଶିଛି। କେତେକ ଏଜେଣ୍ଟ ଭୟଭୀତ ହୋଇ ସେମାନଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ସହ ନିଜ ଫୋନ୍ ସୁଇଚ୍ ଅଫ୍ କରିଦେଇଥିବା ଜଣାପଡ଼ିଛି। ଏପରିକି ସେମାନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲେଖାଯାଇଥିବା ସୂଚନା ଫଳକକୁ ରାତାରାତି ଚୂନ ମାରି ଲିଭାଇ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ 'ମୋ ସରକାର' ଯୋଜନା ଅନୁଯାୟୀ ରାଜ୍ୟର ସମସ୍ତ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହିପରି ମେଡିକାଲ ଓ ପରିବହନ ବିଭାଗର କାର୍ଯ୍ୟାଳୟରେ ଦଲାଲଙ୍କ ସଂଖ୍ୟା ଅଧିକ ରହିଛନ୍ତି। ତୁରନ୍ତ ଏହିପରି ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜୟପୁର ଦାୟିତ୍ୱରେ ରହିଥିବା ଏସ୍‌ଡିପିଓ ହରେକୃଷ୍ଣ ମାଝି ଶନିବାର ଜୟପୁର ଟାଉନଥାନାରେ ରହିବା ସହ ଯୋଜନା ପ୍ରସ୍ତୁତ କରି ଚଢ଼ାଉର ନେତୃତ୍ୱ ନେଇଥିଲେ।

# କାଠଗଣ୍ଡି, ଟ୍ରାକ୍ଟର ଜବତ




ଜବତ ଟ୍ରାକ୍ଟର ଓ କାଠଗଣ୍ଡି ।

ବୈପାରୀଗୁଡ଼ା,୨୮।୯(ଡି.ଏନ୍.ଏ.)

ବୈପାରୀଗୁଡ଼ା ବନ ବିଭାଗ ଶୁକ୍ରବାର ରାତିରେ ଏକ ଟ୍ରାକ୍ଟର (ଓଡି୧୦ ଏଚ୍ ୭୩୯୮) ସହ ୪ ବୀଜା ଗଣ୍ଡି ଜବତ କରିଛି। ଶୁକ୍ରବାର ରାତିରେ କୋଲାର ପଞ୍ଚାୟତ ଟାପାଯୋଡ଼ି ନିକଟରେ ବନ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଟ୍ରାକ୍ଟର ଧରାପଡ଼ିଥିଲା। ଅନ୍ଧାରର ସୁଯୋଗ ନେଇ ଅଭିଯୁକ୍ତମାନେ ଖସିଯିବାରେ ସକ୍ଷମ ହୋଇଥିଲେ। ଜବତ କାଠର ପରିମାଣ ୦.୮୮୨୬ ଘନଫୁଟ ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଅଧିକ ବୋଲି ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ଉକ୍ତ ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ବିକାଶ ପାତ୍ର, ଗାର୍ଡ ମନୋଜ ମହାପାତ୍ର ଓ ଶ୍ରୀନିବାସ ରାଓଙ୍କ ସମେତ ଅନ୍ୟ ପାରାଷ୍ଟାଫ୍ ଅଂଶଗ୍ରହଣ କରିଥିଲେ।

# ପର୍ଯ୍ୟଟନ ଦିବସରେ ସଚେତନତା ଶୋଭାଯାତ୍ରା

କୋରାପୁଟ,୨୮।୯(ସ୍ୱ.ପ୍ର.)

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଶୁକ୍ରବାର କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ସହରର କ୍ରୀଡ଼ା ଛାତ୍ରାବାସ ସମେତ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ଜିଲା ଐତିହ୍ୟ ଓ ପରମ୍ପରା, ପର୍ଯ୍ୟଟନ ସ୍ଥଳୀର ବିକାଶ, ସ୍ୱଚ୍ଛତା ସହ ଏହାକୁ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ସଚେତନ ନାରା ଦେଇଥିଲେ। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ଉପଜିଲାପାଳ ଲଳିତ




ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

କହଁର, ଜିଲା ପର୍ଯ୍ୟଟନ ଅଧିକାରୀ ସୁରେନ୍ଦ୍ର ଲିମା, ଜିଲା କ୍ରୀଡ଼ା ଅଧିକାରୀ ରାଜକିଶୋର ଜେନା, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ ଉପସ୍ଥିତ ଥିଲେ। ଅଧାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁସୁମଗୁଡ଼ା ସ୍କୁଲ ଅବ୍ୟବସ୍ଥାରେ ସୁଧାର

## ନିଜ ଖର୍ଚ୍ଚରେ ଝାଟିବାଡ଼ ଦେଲେ ପ୍ରଧାନଶିକ୍ଷକ

କୋରାପୁଟ,୨୮।୯(ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କୁସୁମୁଗୁଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଛାତ୍ରାବାସର ଅବ୍ୟବସ୍ଥା ନେଇ 'ଧରିତ୍ରୀ'ରେ ଗତ ଅଗଷ୍ଟରେ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଥମରୁ ପଞ୍ଚମ ଯାଏ ଥିବା ଛାତ୍ରାବାସ ଛାତ ମରାମତି କରାଯାଇଥିବାବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲା ରହୁଥିବା ଛାତ୍ରାବାସ ବିପଦସଙ୍କୁଳ ଥିବାରୁ ଏହାକୁ ବନ୍ଦ କରାଯାଇଛି । ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା ୭ ଜଣ ଶିକ୍ଷକଙ୍କୁ ବିଦ୍ୟାଳୟକୁ ନିୟମିତ ଆସିବା ପାଇଁ ତାଗିଦ କରିଛନ୍ତି। ଅବହେଳା ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରାବାସର ଅନ୍ତେବାସୀଙ୍କୁ ରୋଷେଇ କିମ୍ବା ଅନ୍ୟ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ଶିକ୍ଷକଙ୍କୁ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର କହିଛନ୍ତି। ସେହିପରି ଛାତ୍ରାବାସରେ ନିର୍ମାଣ ସରିଥିବା ନୂତନ ଗୃହରେ ରୋଷେଇ ଆରମ୍ଭ କରିବାକୁ ମେସ ଦାୟିତ୍ୱ ନେଇଥିବା ଶିକ୍ଷକଙ୍କୁ କୁହାଯାଇଛି। ପ୍ରାୟ ୧୮୦ ପିଲା ରହୁଥିବା ଏହି ବିଦ୍ୟାଳୟର ପାଚେରି ଦୀର୍ଘ ଦିନ ହେଲା ଭାଙ୍ଗିଯାଇଥିବାବେଳେ ପରିସରରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଭାବେ ରହିଥିଲା। ବିଦ୍ୟାଳୟର ପାଚେରି ନିର୍ମାଣ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ ଏଯାଏ ଏହା ନିର୍ମାଣ ହୋଇ ନଥିଲା। ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ ନିଜ ଦରମାରୁ ୫ ହଜାର ଟଙ୍କା ଖର୍ଚ୍ଚ କରି ବିଦ୍ୟାଳୟ ଚାରିପାଖରେ ଝାଟିବାଡ଼ ତିଆରି କରିଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟର ପରିବେଶ ଓ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯିବ ବୋଲି ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକଙ୍କ ଏଭଳି ଉଦ୍ୟମକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି ।

# ପୂର୍ବାହ୍ନରେ ଘର ଝରକା ତାଡ଼ି ଚୋରି

## ୭୦ ଗ୍ରାମ ସୁନା, ୨୦୦ ଗ୍ରାମ ରୁପା, ୫ ହଜାର ଟଙ୍କା ଲୁଟ୍

ସେମିଳିଗୁଡ଼ା,୨୮।୯(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ସରସ୍ୱତୀ ନଗରସାଇ କଲେଜ ନିକଟରେ ରହୁଥିବା ଭାସ୍କର ବେହେରା କୌଣସି କାର୍ଯ୍ୟରେ ସୁନାବେଡ଼ା ଯାଇଥିଲେ । ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଘର ପଛପଟ ଝରକା ତାଡ଼ି ଭିତରେ ପଶିବା ସହ ୭୦ ଗ୍ରାମ ସୁନା, ୨୦୦ ଗ୍ରାମ ରୁପା, ୫ହଜାର ଟଙ୍କା ଓ ଗୋଟିଏ ଘଣ୍ଟା ଚୋରି କରିନେଇଛନ୍ତି। ଦିନ ୧୦ଟାରୁ ୧୨ଟା ଭିତରେ ଏଭଳି ଚୋରି ହୋଇଛି। ଘରର ସବୁ ଜିନିଷପତ୍ରକୁ ଦୁର୍ବୃତ୍ତ ଏଣେତେଣେ ଫୋପାଡ଼ି ଦେଇଛନ୍ତି । ଏ ନେଇ ସେମିଳିଗୁଡ଼ା ଥାନାରେ ଏତଲା ଦିଆଯାଇଛି। ଏହା ପରେ କୋରାପୁଟ ସାଇଣ୍ଟିଫିକ୍ ଟିମ୍ ଓ ସେମିଳିଗୁଡ଼ା ଆଇଆଇସି ସୁନାବେଡ଼ା ଏସ୍‌ଡିପିଓ ଏହି ଚୋରି ଘଟଣାର ତଦନ୍ତ କରୁଛନ୍ତି । ଦୀର୍ଘ ୨ ସପ୍ତାହ ହେଲାଣି ସେମିଳିଗୁଡ଼ା ସହରରେ ଦୁର୍ବୃତ୍ତମାନେ ସାଇକେଲ୍, ଗାଡ଼ି, ମୋଟର, ସୁନା, ଟଙ୍କା ଚୋରି କରିନେଉଛନ୍ତି। ଦିନ ହେଉ କି ରାତି, ସହରରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସେମିଳିଗୁଡ଼ା ଅଞ୍ଚଳବାସୀ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି



ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସ୍ଥାୟୀ ବେଞ୍ଚ ଦାବି ଜଣାଉଛନ୍ତି କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ।

ଜୟପୁର,୨୮।୯(ନି.ପ୍ର.)

ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାବି ଜଣାଇଛି। ମୁଖ୍ୟମନ୍ତ୍ରୀ ଦାବି ଶୁଣିବା ପରେ ଏନେଇ ବିଚାର ଚାଲିଥିବା ଓ କମିଟି ଗଢ଼ାଯାଇଥିବା କହିଥିଲେ। ତେଣୁ ଆନ୍ଦୋଳନ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗ ଦେବା ପାଇଁ ସେ କମିଟିକୁ ଅନୁରୋଧ ଜଣାଇଛନ୍ତି। ଓକିଲଙ୍କ କୋର୍ଟ ବର୍ଜନ ଆନ୍ଦୋଳନ ଗତ ଡିସେମ୍ବର ୪ରୁ ଆରମ୍ଭ ହୋଇ ଏଯାବତ୍ ୧୧ ମାସରେ ପହଞ୍ଚିଛି । ଦୀର୍ଘ ଦିନ ଧରି ଆନ୍ଦୋଳନ ଚାଲିଥିଲେ ମଧ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ସାକ୍ଷାତ ବେଳେ କ୍ରିୟାନୁଷ୍ଠାନ କମିଟିର କୋରାପୁଟ ଓକିଲ ସଂଘ ସଭାପତି ସୁଦର୍ଶନ ଗୌଡ଼, ସମ୍ପାଦକ ସୁନିଲ ଜେନା, ସରୋଜ ଦାଶ, ଗିରିଧର ଖରା, ବାଲା ରାୟ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ



ଜବତ ଗଞ୍ଜେଇ ଓ ଅଟୋ ସହ ଗିରଫ ଦୁଇ ଅଭିଯୁକ୍ତ ।

ନନ୍ଦପୁର,୨୮।୯(ଡି.ଏନ୍.ଏ.)

ନନ୍ଦପୁର ପୋଲିସ ଶନିବାର ସକାଳେ ଚାଲାଣ ବେଳେ ଗଞ୍ଜେଇ ଓ ଅଟୋ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ପାଟ୍ରୋଲିଂ କରୁଥିବା ବେଳେ ଖିଲୁଆ ଛକ ନିକଟରେ ପୋଲିସକୁ ଦେଖି ଏକ ଅଟୋ (ଓଡି୧୦ ଇ ୬୨୩୨) ଦ୍ରୁତଗତିରେ ସେଠାରୁ ପଳାଇଥିଲା। କିଛି ଦୂର ଯିବା ପରେ ଅଟୋ ଛାଡ଼ି ଡ୍ରାଇଭର ଜଣକ ସେଠାରୁ ଖସି ପଳାଇଥିଲେ। ତେବେ ଅଟୋରେ ବସିଥିବା ବିହାର ରାଜ୍ୟ ସାରନ ଜିଲା ଭେଲଡି ଥାନା କୋରେୟା ଗ୍ରାମର ଅରୁଣ କୁମାର ଚୌହାନ (୨୩) ଏବଂ ଦେବ ଭଗତଙ୍କୁ ପୋଲିସ ଧରିଥିଲା। ଗାଡ଼ିରୁ ୩୦ କେଜି ଗଞ୍ଜେଇ ମିଳିବା ପରେ ଉଭୟଙ୍କୁ ଗିରଫ କରାଯାଇଥିଲା। ସ୍ଥାନୀୟ ତହସିଲଦାର ସୀମାଞ୍ଚଳ ପାତ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇ କେସ୍ ନମ୍ବର ୬୨/୧୯ରେ ମାମଲା ରୁଜୁ କରାଯାଇଥିଲା। ଚଢ଼ାଉରେ ଏସ୍‌ଆଇ ବିଘ୍ନରାଜ ଭତ୍ରା, ଥାନା ଅଧିକାରୀ କିଶୋର ଚନ୍ଦ୍ର ଚୌଧୁରୀ, ଏଏସ୍‌ଆଇ ଦୀପକ ନାୟକ, ଏଏସ୍‌ଆଇ ଯାମିନୀକାନ୍ତ ପ୍ରଧାନ ସାମିଲ ଥିଲେ।

# ଜିଲାସ୍ତରୀୟ କ୍ରୀଡ଼ାକୁ ଗଲେ ୧୯ ଖେଳାଳି

ଦାମନଯୋଡ଼ି,୨୮।୯ (ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ସୁନାପୁରର ରାଜୀବ ଗାନ୍ଧୀ ଉଚ୍ଚବିଦ୍ୟାଳୟରେ କୋରାପୁଟ ବ୍ଲକ ବିଦ୍ୟାଳୟ ସମୂହରୁ ଖୋ-ଖୋ, କବାଡି ଓ ଫୁଟବଲ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ଏଥିରେ ଦାମନଯୋଡ଼ି ଟାଉନସିପ୍ ସରସ୍ୱତୀ ବିଦ୍ୟାମନ୍ଦିରର ୩୧ ଜଣ କ୍ରୀଡ଼ାବିତ୍ ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଡ. ନିରୋଦ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା କ୍ରୀଡ଼ା ବିଭାଗ ସହାୟକ ଡଙ୍ଗରୁ ଗୌଡ଼ଙ୍କ ସହଯୋଗରେ ଅଂଶଗ୍ରହଣ କରିଥିଲେ। ସୁନାବେଡ଼ା, ଜୟପୁର ଓ ଡୁମୁରିପୁଟରେ ହେବାକୁ ଥିବା ଜିଲାସ୍ତରୀୟ ଫୁଟବଲ, ଖୋ-ଖୋ, କବାଡିରେ ଭାଗନେବା ପାଇଁ ସେମାନଙ୍କ ମଧ୍ୟରୁ ୧୯ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଫୁଟବଲରେ ଶଙ୍କର ଖିଲ, ଡମ୍ବୁ ଖିଲ, ମୀନ ଖିଲ, ମନ୍ମଥ ଖରା, ଖୋ-ଖୋରେ ପ୍ରିୟଙ୍କା ଜାନି, କ୍ରିପା ଭୋଇ, ଦଇମତି ଦାମୀ, ହେମଲତା ବୁଡିଆ, କିଶୋରୀ ପୂଜାରୀ, ଉତ୍ସବ ଖରା, ସୁରେନ୍ଦ୍ର ଖିଲ, ଗାଙ୍ଗେଶ୍ୱରୀ ପୂଜାରୀ, ସସ୍ମିତା ଟାକ୍ରି, ଲିପି ଟାକ୍ରି, ଗୌର ଜେନା, କବାଡ଼ିରେ କିଶୋରୀ ପୂଜାରୀ, ହରିପ୍ରିୟା ପାତ୍ର, କ୍ରିପା ଭୋଇ, ଉତ୍ସବ ଖରା। ବିଦ୍ୟାମନ୍ଦିର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି, ଶାରୀରିକ ଶିକ୍ଷା ଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁ ତଥା ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା ମହାନ୍ତି ଜିଲାସ୍ତରୀୟ ଖେଳ ପାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ଅତିଥିଙ୍କ ସହ ଖେଳାଳିମାନେ ।

# ବ୍ଲକସ୍ତରୀୟ ବିଦ୍ୟାଳୟ ଖେଳ ପ୍ରତିଯୋଗିତା

ଜୟପୁର,୨୮।୯(ନି.ପ୍ର.):

ଜୟପୁପର ବ୍ଲକସ୍ତରୀୟ ବିଦ୍ୟାଳୟର କବାଡି, ଫୁଟବଲ, ଖୋ-ଖୋ ପ୍ରତିଯୋଗିତା ବାରିଣିପୁଟ ସ୍ଥିତ ଯୋଜନା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ପଟ୍ଟନାୟକ, ଯୋଜନା ବିଭାଗର ଏସ୍‌ଜିଏମ୍ ମନୋରଞ୍ଜନ ବିଶ୍ୱାଳ, ଯୋଜନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ଆଚାର୍ଯ୍ୟ, ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଆଇପିଇ ବିପ୍ରଚରଣ ପଣ୍ଡା ଉପସ୍ଥିତ ଥିଲେ । ଏଥିରେ ମୋଟ ୮୪ ଜଣ ଛାତ୍ରୀଛାତ୍ର ଓ ୧୮ ଜଣ ଖେଳ ଶିକ୍ଷକ ଉପସ୍ଥିତ ଥିଲେ। ବ୍ଲକସ୍ତରରେ ଫୁଟବଲରେ ଚୟନ ହେବା ଛାତ୍ର ଆସନ୍ତା ୨୭ ତାରିଖରେ ଜିଲାସ୍ତରରେ ଖେଳିବା ପାଇଁ ସୁନାବେଡ଼ା ଯିବେ । ଖୋ-ଖୋରେ ଚୟନ ହୋଇଥିବା ଛାତ୍ରୀଛାତ୍ର ଜିଲାସ୍ତରରେ ଖେଳିବା ପାଇଁ ଜଗଦୀଶ ଚନ୍ଦ୍ର ନାୟକ ସରକାରୀ ବିଦ୍ୟାଳୟ ନଂ -୧ରେ ୨୯ ତାରିଖରେ ଖେଳିବେ । ଜିଲାସ୍ତର କବାଡି ପାଇଁ ୬ ଜଣ ଡୁମୁରିପୁଟ ବିଦ୍ୟାଳୟ ଖେଳିବାକୁ ଯିବେ । ବାସୁଦେବ ସେନାପତି ସଭା କାର୍ଯ୍ୟ ପରିଚାଳନା ଓ ଶେଷରେ ଜୟପୁର ବ୍ଲକ ବିଟିଏ ପ୍ରସନ୍ନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସଭା ଶେଷ କରିଥିଲେ ଏବିଇଓ ରମେଶ ଟାକ୍ରି।

# ରାସ୍ତା ଦୁରାବସ୍ଥା, ରୋଗୀ ହନ୍ତସନ୍ତ



ଖରାପ ରାସ୍ତା ପାଇଁ ଗାଡ଼ି ଯାଇପାରୁ ନ ଥିବାରୁ ଅସୁସ୍ଥ ସଞ୍ଜୁଙ୍କୁ ଚଲାଇ ଚଲାଇ ନିଆଯାଉଛି ।

ଦଶମନ୍ତପୁର,୨୮।୯(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତରେ ଜଣେ ରୋଗାକ୍ରାନ୍ତ ମହିଳାଙ୍କୁ ରାସ୍ତାର ଦୁରାବସ୍ଥା ଯୋଗୁ ଚଲାଇ ଚଲାଇ ନିଆଯାଇଛି। ସେ ହେଲେ ଯୋଡ଼ାପୁଟ ଗ୍ରାମର ଗୁପ୍ତ ମୁଦୁଲିଙ୍କ ସ୍ତ୍ରୀ ସଞ୍ଜୁ ମୁଦୁଲି। ଦୀର୍ଘ ୧୨ ଦିନ ଧରି ଗୋଡ଼, ହାତ ଓ ଶରୀର ବ୍ୟଥାରେ ଯନ୍ତ୍ରଣା ଅନୁଭବ କରୁଥିବା ସଞ୍ଜୁଙ୍କୁ ସ୍ଥାନୀୟ ଚିକିତ୍ସାଳୟଠାରୁ ଆରମ୍ଭ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। କିନ୍ତୁ ସେଥିରେ ତାଙ୍କର ଯନ୍ତ୍ରଣା ନିୟନ୍ତ୍ରଣ ନ ହେବା ଯୋଗୁ ସେ ଘରକୁ ଫେରିଆସିଥିଲେ। କାଳେ ବ୍ୟଥା ଛାଡ଼ିବ ଭାବି ଘରେ ରହିଥିବା ବେଳେ ଶନିବାର ସକାଳୁ ହଠାତ୍ ତାଙ୍କର ଯନ୍ତ୍ରଣା ଆରମ୍ଭ ହେବାରୁ ବାଧହୋଇ ତାଙ୍କୁ ଦୁଇଜଣ ଧରି ଚଲାଇ ଚଲାଇ ବହୁଦୂର ନେଉଥିଲେ। ସୌଭାଗ୍ୟକୁ ବାଟରେ ଜଣେ ବାଇକ ଆରୋହୀ ଲିଫ୍ଟ ଦେଇ ତାଙ୍କୁ ଦେଢ଼କିମି ଦୂର ଚାଉଳକନ୍ତି ଗ୍ରାମର ଛକ ଯାଏ ପହଞ୍ଚାଇଥିଲେ। ସେଠାରୁ ଅଟୋରେ ପରିବାର ଓ ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ମେଡିକାଲ ନିଆଯାଇଥିଲା। ତେବେ ମେଡିକାଲ ଚିକିତ୍ସାରେ ନିରାଶ ସଞ୍ଜୁଙ୍କ ପରିବାର ଏବେ ଦେଶୀ ଔଷଧ ସେବନ କରିବେ ବୋଲି କହିଛନ୍ତି।

